କୁହାଯାଉଛି । ଏଣୁ ଏହି ରାସ୍ତାରେ ହମ୍ପସ୍ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବିପିୟୁଟି ଛାତ୍ର ର୍ୟାଙ୍କିଂରେ ଆଇଆଇପିଏମ୍ ନବମ

ରାଉରକେଲା,ତା୨୪।୫(ନି.ପ୍ର.)- ବିପିୟୁଟି ଛାତ୍ରମାନଙ୍କ ପକ୍ଷରୁ କରାଯାଇଥିବା ର୍ୟାଙ୍କିଂରେ କାଂଶବାହାଲସ୍ଥିତ ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ ଅଫ୍ ପ୍ରଡ଼କସନ୍ ମ୍ୟାନେଜମେଣ୍ଟ (ଆଇଆଇପିଏମ୍) ନବମ ସ୍ଥାନ ହାସଲ କରିଛି । ବିପିୟୁଟି ଅଧୀନରେ ଥିବା ବିଭିନ୍ନ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ମଧ୍ୟରୁ ଭୁବନେଶ୍ୱରର କିଛି କଲେଜକୁ ଛାଡ଼ି ଦେଲେ ରାଜ୍ୟରେ ନବମ ସ୍ଥାନ ହାସଲ କରିଥିବାବେଳେ ଆଇଆଇପିଏମ୍ ରାଉରକେଲାର ଶ୍ରେଷ୍ଠ ମ୍ୟାନେଜମେଣ୍ଟ କଲେଜର ମାନ୍ୟତା ପାଇଛି । ଉନ୍ନତ ଶିକ୍ଷାଦାନ ପଦ୍ଧତି, ଦକ୍ଷ ଅଧ୍ୟାପକ ଓ ପରିଚାଳନା ବ୍ୟବସ୍ଥା ଯୋଗୁଁ କଲେଜ ଏହି ସଫଳତା ପାଇଛି ବୋଲି କୁହାଯାଉଛି ।କଲେଜର ଏଭଳି ସଫଳତା ଖବର ପ୍ରଚାରିତ ହେବା ପରେ କମିଶନର ତଥା ସଚିବ ସୌରଭ ଗର୍ଗ ଇନ୍ଷ୍ଟିଚ୍ୟୁଟର ଅଧ୍ୟକ୍ଷ ଡଃ ମିହିର ରଞ୍ଜନ ନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

The Samaja 25.5.10